ଫର୍ମ – III

[ନିୟମ – ୪ (୪-୧) ଦ୍ରଷ୍ଟବ୍ୟ]

ତହସିଲ କାର୍ଯ୍ୟାଳୟ, କନିଷି, ଗଞ୍ଜାମ

Alienation ମିସ୍ କେସ୍ ନଂ. ୩୩/୨୦୨୫

## ସର୍ବସାଧାରଣ ନୋଟିସ୍

ଏତଦ୍ ଦ୍ୱାରା ମୌଜା – ରଙ୍ଗେଇଲୁଣ୍ଡା, ଥାନା - ଗୋପାଳପୁରର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ତଫସିଲଭୁକ୍ତ ଜମିର ଖାତାକୁ "ରକ୍ଷିତ ଅନାବାଦି " ରୁ "ଆବାଦ ଯୋଗ୍ୟ ଅନାବାଦୀ" ଓ କିସମକୁ "ପତିତ" ରେ ପରିଣତ କରି ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶାଙ୍କ ନାମରେ ଉଡ଼ାଜାହାଜ ଅବତରଣ ପ୍ରାନ୍ତର (Airstrip), ରଙ୍ଗେଇଲୁଣ୍ଡାର ନିର୍ମାଣ ନିମନ୍ତେ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବିତ ହୋଇଅଛି ।

ଏଣୁ ନିମ୍ନ ତଫସିଲଭୁକ୍ତ ଜମିର ଖାତା ଓ କିସମ ପରିବର୍ତ୍ତନ ଉପରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଯେ କୌଣସି କାର୍ଯ୍ୟ ଦିବସରେ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହେବା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବନାହିଁ ।

### ତଫସିଲଭୁକ୍ତ ଜମିର ବିବରଣୀ

| ମୌଜା | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ରକବା (ଏକରରେ) | କିସମ / ଖାତାଦାର | ପ୍ରସ୍ତାବିତ କିସମ/ ଖାତାଦାର |
|---|---|---|---|---|---|---|
| କରାପଲ୍ଲୀ | ୪୦୪ | ୫୧ | ୦.୦୪୫ | ୦.୦୪୫ | ଆଡି/ ରକ୍ଷିତ ଅନାବାଦି | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |
| | | ୧୧୨୦ | ୦.୬୪୫ | ୦.୬୪୫ | ଜଳାଶୟ-II/ ରକ୍ଷିତ ଅନାବାଦି | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |
| | | ୧୧୨୧ | ୦.୧୦୭ | ୦.୧୦୭ | ଜଳାଶୟ-II/ ରକ୍ଷିତ ଅନାବାଦି | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |
| | | ୧୧୨୯ | ୦.୦୮୦ | ୦.୦୮୦ | ବନ୍ଧ/ ରକ୍ଷିତ ଅନାବାଦି | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |
| | | ୧୧୩୦ | ୦.୦୮୮ | ୦.୦୮୮ | ବନ୍ଧ / ରକ୍ଷିତ ଅନାବାଦି | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |
| | | ୧୧୩୧ | ୦.୦୪୦ | ୦.୦୪୦ | ବନ୍ଧ/ ରକ୍ଷିତ ଅନାବାଦି | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |
| | | ୧୧୩୭ | ୦.୨୨୨ | ୦.୨୨୨ | ଜଳାଶୟ-II/ ରକ୍ଷିତ ଅନାବାଦି | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |
| | | ୧୧୩୯ | ୦.୨୯୫ | ୦.୨୯୫ | ଜଳାଶୟ-II/ ରକ୍ଷିତ ଅନାବାଦି | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |

Sd/- 26/9/25
ତହସିଲଦାର, କନିଷି

ପରିପତ୍ର ସଂଖ୍ୟା- 12636 ତାରିଖ- 26.09.25

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DIO), NIC, ଗଞ୍ଜାମଙ୍କ ଅବଗତି ଓ ୱେବ-ସାଇଟ୍ ମାଧମରେ ବିଜ୍ଞପ୍ତି ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, କରାପଲ୍ଲୀଙ୍କ ଦ୍ୱାରା ମୌଜା- କରାପଲ୍ଲୀର ପ୍ରକାଶ୍ୟ ସ୍ଥାନରେ ଡେଙ୍ଗୁରା/ମାଇକିଙ୍ଗ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ରଙ୍ଗେଇଲୁଣ୍ଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ/ ସରପଞ୍ଚଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିଷିର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ଜାରି କରାଗଲା ।

Sd/- 26/9/25
ତହସିଲଦାର, କନିଷି